# ଧାର୍ମିକ ବିବର୍ତ୍ତନରେ ଓଡ଼ିଆ

ନିମାଇଁ ଚରଣ ମିଶ୍ର

ଓଁ ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ ।
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ ॥

ନୀଳାଚଳନାଥ ପୁରୁଷୋତ୍ତମ ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦିବ୍ୟଲୀଳା ଓ ପରମ୍ପରା ସହିତ ଓଡ଼ିଆ ଭାଷା, ଲିପି, ସାହିତ୍ୟ, କବି, ଲେଖକ, ଦାର୍ଶନିକ ଓ ସେବକ ମାନଙ୍କର ଘନିଷ୍ଠ ସମ୍ବନ୍ଧ ରହିଛି । ଅନାଦିକାଳର ଅପୌରୁଷେୟ ଶ୍ରୁତିରୁ ବୈଦିକ ମାର୍ଗର ସୃଷ୍ଟି । ବେଦର ମୂଳଭାଷା ସଂସ୍କୃତ ଦେବନାଗରୀ ଲିପିରେ ଲିଖିତ । ତାଳପତ୍ର ପୋଥୀ ପତ୍ରରେ ତୀକ୍ଷ୍ଣ ଲେଖନୀର ବ୍ୟବହାର କରି ସୂକ୍ଷ୍ମ ଅକ୍ଷର ଲିଖନ-ସମ୍ଭବ ହେବାପରେ ସଂସ୍କୃତ ଭାଷାର ଅଧିକ ସ୍ୱଷ୍ଟ, ସରଳ ଓ ଅବିକଳ ପଠନ ନିମନ୍ତେ (ନୀଳାଚଳ ପଦରେ 'ଳ' ପରି ବର୍ଣ୍ଣ ଅକ୍ଷର ସହିତ) ବର୍ଣ୍ଣ ମାଳାକୁ ସଠିକ୍ ରୂପ ଦେବା ନିମନ୍ତେ ଦେବନାଗରୀ ଲିପିର ଅଗ୍ରରେଖା ପରିବର୍ତ୍ତେ ବକ୍ର ରେଖାରେ ସଜାଇ ଓଡ଼ିଆ ଲିପିର ପ୍ରଚଳନ ହୋଇଥିଲା । ସେଥିପାଇଁ ଏହାକୁ ବ୍ରାହ୍ମୀ ବା ପୁରୁଷୋତ୍ତମୀ ଲିପି କୁହାଯାଏ । ତାଳପତ୍ର ପୋଥି ଯୁଗରେ ସଂସ୍କୃତ ଗ୍ରନ୍ଥ ସମୂହ ଉତ୍କଳୀୟ ମାନଙ୍କ ଦ୍ୱାରା ଉଭୟ ଦେବନାଗରୀ ହିନ୍ଦୀ ଓ ପୁରୁଷୋତ୍ତମୀ (ବ୍ରାହ୍ମୀ) ଓଡ଼ିଆ ଦୁଇ ପ୍ରକାର ଲିପିରେ ଲେଖା ଯାଉଥିଲା । ପୁନଶ୍ଚ, ଦେବଭାଷା ସଂସ୍କୃତର ବ୍ୟବହାରିକ ନିଷ୍କର୍ଷ ଓ ଅତିମାନବୀୟ ଲୀଳାରେ ଦୈନନ୍ଦିନ ରୁଚିବୋଧର ସହଜ ସରଳ ଓ ସୁବୋଧ କଥିତ ଭାଷାରୂପେ ଓଡ଼ିଆ ଭାଷାର ଜନ୍ମ ।

ପ୍ରାଚୀନ କଳିଙ୍ଗ, ପରେ ଉତ୍କଳ ଓ ଓଡ଼ିଶାର ପୁରୁଷୋତ୍ତମ କ୍ଷେତ୍ରରୁ ଓଡ଼ିଆ ଭାଷା ଓ ଲିପି ସୃଷ୍ଟି ହୋଇଥିବାରୁ ଏହାକୁ ପୁରୁଷୋତ୍ତମୀ କୁହାଯାଏ । ଓଡ଼ିଆ ଭାଷାର ପ୍ରଥମ ପ୍ରାମାଣିକ ଲିଖିତ ବିବରଣୀ ମାଦଳା ପାଞ୍ଜି ଅଟେ । ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଓ ସେବାପୂଜାର ବିବରଣୀ ଏଥିରେ ଲିପିବଦ୍ଧ ହୋଇଛି । ଚୋଡ଼ଗଙ୍ଗଦେବଙ୍କ ସମୟରୁ ପ୍ରାୟ ଇଂ.୧୧୨୮ ମସିହାରୁ ଆରମ୍ଭକରି ଉନବିଂଶ ଶତାବ୍ଦି ଇଂ.୧୮୧୮ ମସିହାରେ ମୁକୁନ୍ଦଦେବଙ୍କ ସମୟରେ ଇଂରେଜମାନଙ୍କ ଓଡ଼ିଶା ଅଧିକାର ପର୍ଯ୍ୟନ୍ତ ଓ ଶ୍ରୀମନ୍ଦିର ପରିଚାଳନାର ଇତିହାସ ଏଥିରୁ ମିଳେ । ଇଂରେଜ ଶାସନ ଅମଳରେ, ମାଦଳାପାଞ୍ଜି ଲିଖନର ଗୁରୁତ୍ୱ ରହିଲା ନାହିଁ । ଦେଉଳକରଣ, ତଢ଼ାଉକରଣ ଓ କୋଷ୍ଠିକରଣ ଆଦି ସେବାରେ ବିଘ୍ନହେଲା, ତେଣୁ ସାମାନ୍ୟ ଭାବରେ ତା.୦୮.୧୨.୧୮୪୨ରିଖ ପର୍ଯ୍ୟନ୍ତ ମାଦଳାପାଞ୍ଜି ଲେଖାଯାଇଥିବାର ଜଣାଯାଏ । ମାଦଳାପାଞ୍ଜିରୁ ଉଦ୍ଧୃତ ଅବିକଳ ନକଲ ଏହିପରି –

## ଯଯାତି କେସରୀ

ଏଠାରୁ କେସରୀ ପାଟରାଜା ହୋଇଥିଲେ । ପ୍ରଥମ ପାଟ ଯଯାତି କେସରୀ ହୋଇଲେ । ଏ ରାଜା ବଡ଼ ସୂରବନ୍ତ ମହାଦାନୀ । ଏ ମହାରାଜାଙ୍କ ଅ ୧୧ ଙ୍କେ ସନ୍ୟାସୀ ବ୍ରହ୍ମଚାରୀ ବ୍ରାହ୍ମଣମାନଙ୍କୁ ପଚାରିଲେ ଓଡ଼ିସା ରାଜାର ପ୍ରଭୁ ଯେ ଶ୍ରୀଜଗନ୍ନାଥ ମହାପ୍ରଭୁ ସେ କାହିଁଛନ୍ତି ? ସେମାନେ କହିଲେ ମୁଗଲ ଗୋଳ ହୋଇଲାକୁ । ସୋମୋଦ୍ର ମାଡ଼ି ଅଇଲାକୁ ଅପାର ଦିନ ହୋଇଲା । ଶ୍ରୀ ପର୍ମେସରଙ୍କୁ ପାତାଳୀ କରି ସୁନୁପୁର ଆଡ଼େ କଉଁଠାରେ ବିଜେ କରାଇଲେ ଗାଁତବ ନାହିଁ । ଏହା ଶୁଣି ମହାରାଜା ସୁନୁପୁର ଗଲେ । ସେଠାରେ ଖଣ୍ଡାଇତଙ୍କୁ ପଚାରିଲେ । ସେମାନେ କହିଲେ ଆମ୍ଭେ ଗାଁତବ ନୋହୁ । ଆମ୍ଭ ବାପଅଜା କହନ୍ତି ଦିଅଁବର ଏହି । ଏଥିତଳେ ଦିଅଁଙ୍କୁ ପୋତିଥିଲେ । ଏହାଶୁଣି ରାଜା କଟୁରିଆ ବ୍ରାହ୍ମଣଙ୍କୁ ଆଣି ସେ ଗଛ କଟାଇ ଖୋଳାଇଲେ । ପର୍ମେସରଙ୍କୁ ବାହାର କଲେ । ସେ ଦିନେ ଶ୍ରୀ ମୂର୍ତ୍ତିମାନ ମାଟିଖାଇ ଛିନ୍ନଭିନ୍ନ ହୋଇଛନ୍ତି । ଦିଅଁମାନଙ୍କୁ ଲୁଗା ଗୁଡ଼ିଆଇ ମୁଣାରେ ପୂରୋଇ ମୁଦାଇଲେ । ଏ ଉତାରୁ ଦଇତାପତିଙ୍କୁ ଲୋଡ଼ାଇଲେ । ଦଇତାମାନେ ବିରିବନ୍ଧରେ ଥିଲେ । ପତିମାନେ ରତନପୁର ସୀମାରେ ଥିଲେ । ଏମାନଙ୍କୁ ଅଣାଇ ବିଧିପତ୍ର ପ୍ରମାଣେ ଦାରୁ ଛେଦନ କରାଇ ପର୍ମେସରଙ୍କୁ ସୁମୂର୍ତ୍ତି କରାଇଲେ । ଏ ଘଟଣାବେଳେ ରାଜା ଅଧିକ ସେବକ ତାଟି ଭିତର କଲେ । ଗଛକଟା କଟୁରିଆ ବ୍ରାହ୍ମଣ ପାଞ୍ଚ ସେବା । ଏହାଙ୍କ ଗୋତ୍ର ବଚ୍ଛସ । ଜ ୫ ଣ କୁ ଜ ୧୦ ଣ । ପତିମାନଙ୍କର ଏଗାରହ ଜଣକୁ ଛଅଜଣ । ଦଇତାମାନଙ୍କର ଉଲୁକ ଗୋତ୍ର । ଜ ୮ ଣ କୁ ଜ ୮ ଣ ପରିଛା ଗାଏ ଚବିସ ଜଣ । ଶ୍ରୀ ପୁରୁସୋତ୍ତମେ ସଙ୍ଖନାଭି ମଣ୍ଡଳେ ହା ୩୮ ତ କରି ପଟୋଳ ଗୋଟିଏ ତୋଳି ପ୍ରତିଷ୍ଠାକରି ପରମେସରଙ୍କୁ ବିଜେ କରାଇଲେ । ଏ ମହାରାଜାଙ୍କ ଅ ୧୩ ଙ୍କେ କକଡ଼ା ଦି ୨୫ ନେ ସିଂହାସନେ ବିଜେ କରାଇଲେ । ଏହି ଅନୁକୂଳେ ଭୁବନେସ୍ୱର ଦେଉଳକୁ ଶୁଭ ଦେଲେ । ଏହି ରାଜା ଭୋଗ କଲେ ବ ୫୭ ରସ ।॥ ଇତ୍ୟାଦି ॥

ଉତ୍କଳର ଗଜପତି କପିଳେନ୍ଦ୍ରଦେବ (ଇଂ.୧୪୩୫ ରୁ ଇଂ.୧୪୬୭) ଙ୍କ ସମୟରେ ଓଡ଼ିଆ ଭାଷା ରାଜକୀୟ ସ୍ୱୀକୃତି ଲାଭ କରିଥିଲା । ଏହି ଅବସରରେ ରାଜାଙ୍କ ସ୍ୱରଚିତ ସଂସ୍କୃତ ପରଶୁରାମ ବିଜୟ ନାଟକରେ ରାଣୀ ଚନ୍ଦ୍ରବଦନା ଓଡ଼ିଆଗୀତ ବୋଲିଥିଲେ । ଓଡ଼ିଆ ଭାଷାରେ ଏହା ପ୍ରଥମ ଗୀତ ଅଟେ ।

କେବଣ ମୁନିକୁମର ପରଶୁ ଦକ୍ଷିଣକର
ବାମେଣ ଶୋଭେ ଧନୁଶର
ନା,

କୋପେଣ ବୋଲଇ ବୀର ମାତାକୁ ବଧିଲୁ ତାତ
ଆଜ ତୋରେ ଛେଦିବଇଁ ମାଥ ନା ।
ଶୁଣ ରାଜନ ହୋ କିଏ ତୋର ରାଜ୍ୟେ
ବ୍ରହ୍ମା ବଧେନା
॥
ଏ ତୋର ଚନ୍ଦ୍ରବଦନ ମେଘ କି ଢାଙ୍କିଲା ଜହ୍ନ
ତାହା ଦେଖି ବିକଳ ମୋ ମନ ନା,
ଆବର ଦେଖଇ ରିଷ୍ଟ ରାଜ୍ୟେ ତୋ ରୁଧିର ବୃଷ୍ଟି
ପୁର ବେଢ଼ି ରୋଦନ୍ତି ଶୃଗାଳ ନା ।
ଶୁଣ ରାଜନ ହୋ କିଏ ତୋର ରାଜ୍ୟେ
ବ୍ରହ୍ମା ବଧେନା
॥

ଏହି ଘଟଣାର ପ୍ରଚ୍ଛଦ ନାୟକ ଥିଲେ ସିଦ୍ଧେଶ୍ୱର (ମିଶ୍ର) ପଣ୍ଡା ଯେ, ପରେ ଶୂଦ୍ରମୁନୀ ସାରଳା ଦାସ ରୂପେ ପରିଚିତ ହେଲେ ।

ଓଡ଼ିଆ ସାହିତ୍ୟର ସ୍ରଷ୍ଟା ଦ୍ରଷ୍ଟା ସାରଳା ଦାସ (ଇଂ.୧୪୪୮-୧୪୯୯) ଝଙ୍କଡ଼ (ଜଙ୍ଘରପୁରର କନକପୁର ପାଟଣା) ଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିଲା ଦିନର ନାମ ଥିଲା ସିଦ୍ଧେଶ୍ୱର ମିଶ୍ର । ତାଙ୍କର ପିତା ଯଶୋବନ୍ତ ମିଶ୍ର ସଂସ୍କୃତ ଭାଷାର ଜଣେ ବିଦ୍ୱାନ୍ ପଣ୍ଡିତ ଥିଲେ । ଶ୍ରୀ ଚୈତନ୍ୟଙ୍କ ପିତାମହ ଉପେନ୍ଦ୍ର ମିଶ୍ର, ଜଗନ୍ନାଥ ଦାସଙ୍କ ପିତାମହ ନରୋତ୍ତମ (ପଣ୍ଡା) ଦାଶ ଓ ବଳରାମ ଦାସ ଙ୍କ ପିତା ସୋମନାଥ (ମହାପାତ୍ର) ଦାଶ ଆଦିଙ୍କର ସେ ସମସାମୟିକ ଥିଲେ । ଓଡ଼ିଆକବି ସାରଳା ଦାସଙ୍କ ଦିବ୍ୟ ଲୀଳାଚରିତ ସମ୍ବନ୍ଧରେ ଜାଣିବାପାଇଁ ତତ୍କାଳୀନ ସମାଜରେ ଧର୍ମ, ସଂସ୍କୃତିର ପାରମ୍ପରିକ ଶିକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ ହେବ ।

ଜଗଦ୍‌ଗୁରୁ ଆଦିଶଙ୍କରାଚାର୍ଯ୍ୟ ଭାରତର ଚାରିଧାମରେ ମଠ ସ୍ଥାପନ ପୂର୍ବକ ମଠାମ୍ନାୟ ଓ ଅନୁଶାସନ ପ୍ରଣୟନ କରିଥିଲେ । ମହାନୁଶାସନମ୍‌ରେ ଉଲ୍ଲେଖ ଅଛି ଯେ,

ଧର୍ମୋମୂଳଂ ମନୁଷ୍ୟାଣାଂ ସ ଚାଚାର୍ଯ୍ୟବଲମ୍ବନଃ ।
ତସ୍ମାଦାଚାର୍ଯ୍ୟ ସୁମଣେ ଶାସନଂ ସର୍ବତୋଧିକମ୍ ॥
ତସ୍ମାତ୍ ସର୍ବପ୍ରୟତ୍ନେନ ଶାସନଂ ସର୍ବସମ୍ମତମ୍ ।
ଆଚାର୍ଯ୍ୟସ୍ୟ ବିଶେଷେଣ ହୌଦାର୍ଯ୍ୟଭରଭାଗିନଃ ॥

ମନୁଷ୍ୟମାନଙ୍କର ମୌଳିକ ଧର୍ମ ଆଚାର୍ଯ୍ୟଙ୍କ ଅବଲମ୍ବିତ । ଅତଏବ ଆଚାର୍ଯ୍ୟଙ୍କର ହିତୋପଦେଶ ସବୁ ଶାସନଠାରୁ ଶ୍ରେଷ୍ଠ ଅଟେ । ଉଦାର ଆଚାର୍ଯ୍ୟଙ୍କର ସର୍ବସମ୍ମତ ଅନୁଶାସନକୁ ବିଶେଷ ଭାବରେ ଅତି ପ୍ରଯତ୍ନରେ ପାଳନ କରିବା ଉଚିତ୍ ।

ଶ୍ରୀମଦ୍‌ଭାଗବତ ଧାରାର ଶୃଙ୍ଖଳାରେ ବେଦର ଶାଖା ପ୍ରଶାଖାକୁ ନେଇ ଅନେକ ଆଚାର୍ଯ୍ୟ ସୃଷ୍ଟି ହୋଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ କଳହ ନ ଥିଲା । ମାତ୍ର ଆଚାର୍ଯ୍ୟଶଙ୍କରଙ୍କ ପ୍ରତିଷ୍ଠିତ ଅଦ୍ୱୈତ ମତବାଦର ବିରୋଧରେ ଅନେକ ଆଚାର୍ଯ୍ୟ ମାନଙ୍କର ଭିନ୍ନ ଭିନ୍ନ ଧାରା ଓ ପରମ୍ପରା ସୃଷ୍ଟି ହେଲା । ଶିଷ୍ୟମାନେ ଭିନ୍ନ ଭିନ୍ନ ଧାରାରେ ବିଭକ୍ତ ହୋଇ, ଅନେକ ଗୋଷ୍ଠୀରେ ଅନ୍ତର୍ଭୁକ୍ତ ହୋଇ ପରସ୍ପର ମଧ୍ୟରେ ତର୍କ ବିତର୍କ ଓ କଳହ କରିବାକୁ ଲାଗିଲେ । ବାଦ ବିବାଦ ଓ ତର୍କ ପ୍ରବଣତାରୁ ସନ୍ୟାସୀ, ବ୍ରହ୍ମଚାରୀ ଓ ଆଚାର୍ଯ୍ୟମାନଙ୍କର ମର୍ଯ୍ୟାଦା ହାନି ହେବାକୁ ଲାଗିଲା । ଶୈବ ବୈଷ୍ଣବ, ଶାକ୍ତ, ସୌର, ଗାଣପତ୍ୟ ଭକ୍ତମାନେ ଆପଣା ଆପଣାର ଉପାସନା ମାର୍ଗକୁ ଦମ୍ଭର ସହିତ ଅତି ଜଟିଳ କରିପକାଇଲେ । ଠିକ୍ ଏହି ସମୟରେ ଭକ୍ତ ଭାଗବତ ଶ୍ରୀଧର ସ୍ୱାମୀଙ୍କର ଆବିର୍ଭାବ ହେଲା । ସମ୍ପ୍ରତି ବାଲେଶ୍ୱର ଜିଲ୍ଲାର ମରେଇଗାଁରେ ସେ ଜନ୍ମଗ୍ରହଣ କରିଥିଲେ । ସେ ରେମୁଣାରେ କ୍ଷୀରଚୋରା ଗୋପୀନାଥଙ୍କ ସେବା କରୁଥିଲେ । ପରେ ସେ କପିଳାସ ବ୍ରହ୍ମଚାରୀ ମଠର ମହନ୍ତ ଓ ତାପରେ ଜଗନ୍ନାଥପୁରୀ ଧାମରେ ଶଙ୍କରାନନ୍ଦ ମଠରେ ମହନ୍ତ ହେଲେ । ସେ ଥିଲେ ପୁରୁଷୋତ୍ତମ କ୍ଷେତ୍ରର ଆଦି ଦେବତା ନୃସିଂହଙ୍କର ଉପାସକ । ସେ ଶ୍ରୀମଦ୍‌ଭାଗବତ ମହାପୁରାଣର ଭାବାର୍ଥଦୀପିକା ଟୀକା ରଚନା କରିଥିଲେ । ସେଥିପାଇଁ ଯଥାର୍ଥରେ କୁହାଯାଇଛି –

ବ୍ୟାସ ବେତ୍ତି ଶୁକ ବେତ୍ତି ରାଜା ବେତ୍ତି ନ ବେତ୍ତିବା ।
ଶ୍ରୀଧର ସକଳଂ ବେତ୍ତି ଶ୍ରୀ ନୃସିଂହ ପ୍ରସାଦତଃ ॥

ନୃସିଂହଙ୍କ ଉପାସନା ଓ ଭାବାର୍ଥ ଦୀପିକାର ଦର୍ଶନରେ ସ୍ମାର୍ତ୍ତ, ବୈଷ୍ଣବ ଓ ଅନ୍ୟ ସମସ୍ତ ସମ୍ପ୍ରଦାୟର ଆଚାର୍ଯ୍ୟ, ବିଦ୍ୱାନ୍ ଓ ପଣ୍ଡିତମାନେ ମୁଗ୍ଧ ହେଲେ । ଭଗବତ୍ ଉପାସନା ମାର୍ଗରୁ ସମସ୍ତ ଭ୍ରାନ୍ତି ଦୂର ହେଲା ଓ ଭାରତରେ ସର୍ବତ୍ର ଶ୍ରୀମଦ୍‌ଭାଗବତର ପ୍ରଚାର ଓ ପ୍ରସାର ହୋଇଥିଲା । ଭାବାର୍ଥଦୀପିକାରେ ସେ ଲେଖିଛନ୍ତି –

ଦମ୍ଭନ୍ୟାସମିଷେଣ ବଞ୍ଚିତଜନଂ ଭୋଗୈକଚିନ୍ତାତୁରଂ
ସମ୍ମୁହ୍ୟନ୍ତମହର୍ନିଶଂ ବିରଚିତୋଦ୍ୟୋଗକ୍ଲମୈରାକୁଳମ୍ ।
ଆଜ୍ଞାଲଙ୍ଘିନମଜ୍ଞମଜ୍ଞ ଜନତା ସମ୍ମାନନାସନ୍ମଦଂ
ଦୀନାନାଥ ଦୟାନିଧାନ ପରମାନନ୍ଦ ପ୍ରଭୋ ପାହି ମାମ୍ ॥

ହେ ପ୍ରଭୁ ! ମୁଁ ଦମ୍ଭପୂର୍ଣ୍ଣ ସନ୍ୟାସୀର ବାହାନାରେ ଲୋକଙ୍କୁ ଠକି ଚାଲିଛି । ଏକମାତ୍ର ଭୋଗ ବିଳାସର ଚିନ୍ତାରେ ଆତୁର ହୋଇ ଦିନରାତି ନାନା କଳ୍ପନା ଓ ଉଦ୍ୟମର କ୍ଳାନ୍ତିରେ ବ୍ୟାକୁଳ ଓ ଅସ୍ଥିର ହେଉଛି । ମୁଁ ଆପଣଙ୍କ ଆଜ୍ଞାର ଉଲଙ୍ଘନ କରୁଅଛି । ମୁଁ ଅଜ୍ଞାନୀ ଅଟେ ଏବଂ ଅଜ୍ଞାନୀ ଲୋକଙ୍କ ପ୍ରଦତ୍ତ ସମ୍ମାନରେ 'ମୁଁ ସନ୍ଥ' ବୋଲି ଗର୍ବ କରୁଛି । ହେ ଦୀନାନାଥ, ଦୟାନିଧାନ, ପରମାନନ୍ଦ ମୋର ରକ୍ଷା କରନ୍ତୁ ।

ମିଥ୍ୟାତର୍କସୁକର୍କଶେରିତମହାବାଦାନ୍ଧକାରାନ୍ତର -
ଭ୍ରାମ୍ୟନ୍ମନ୍ଦମତେରମନ୍ଦମହିମଂସ୍ତ୍ୱଜ୍ଞାନବର୍ତ୍ମାସ୍ଫୁଟମ୍ ।
ଶ୍ରୀମନ୍ମାଧବ ବାମନ ତ୍ରିନୟନ ଶ୍ରୀଶଙ୍କର ଶ୍ରୀପତେ
ଗୋବିନ୍ଦେତି ମୁଦା ବଦନ୍ ମଧୁପତେ ମୁକ୍ତଃ କଦା ସ୍ୟାମହମ୍ ॥

ଅନନ୍ତ ମହିମାଶାଳୀ ପ୍ରଭୁ ! ଯେଉଁ ମନ୍ଦମତି ପୁରୁଷ ମିଥ୍ୟାତର୍କ ଦ୍ୱାରା ପ୍ରେରିତ ଅତ୍ୟନ୍ତ କର୍କଶ ବାଦବିବାଦର ଘୋର ଅନ୍ଧକାରରେ ବୁଡ଼ି ରହିଛନ୍ତି, ସେମାନଙ୍କ ନିମନ୍ତେ ଆପଣଙ୍କ ଦିବ୍ୟଜ୍ଞାନ ମାର୍ଗର ଦର୍ଶନ ସମ୍ଭବ ନୁହେଁ । ହେ ପ୍ରଭୁ ! ମୋ ଜୀବନରେ ଏପରି ସୌଭାଗ୍ୟ କେବେ ଆସିବ, ମୁଁ ମାଧବ, ବାମନ, ତ୍ରିଲୋଚନ, ଶଙ୍କର, ଶ୍ରୀପତି, ଗୋବିନ୍ଦ, ମଧୁପତି ଭଜନରେ ମୁକ୍ତ ହୋଇଯିବି ।

ପରମହଂସ ସଂହିତା ଶ୍ରୀମଦ୍‌ଭାଗବତର ଭାରତରେ ସର୍ବତ୍ର ପ୍ରଚାର ପ୍ରସାର ପରେ, ପୁନଶ୍ଚ ପୂର୍ବାନୁବର୍ତ୍ତୀ ଭିନ୍ନଭିନ୍ନ ସମ୍ପ୍ରଦାୟରେ ଭିନ୍ନ ଭିନ୍ନ ଭାବରେ ଆଚାର୍ଯ୍ୟମାନେ ଶ୍ରୀମଦ୍‌ଭାଗବତର ପାରାୟଣ ଓ ବ୍ୟାଖ୍ୟା କଲେ । ବୈତରଣୀ ନଦୀଠାରୁ ଆରମ୍ଭ କରି ଋଷିକୁଲ୍ୟା ନଦୀ ପର୍ଯ୍ୟନ୍ତ ବ୍ୟାପ୍ତ ପୁରୁଷୋତ୍ତମ କ୍ଷେତ୍ରରେ ପ୍ରଥମେ ଏହାର ପ୍ରଭାବ ପଡ଼ି ନଥିଲା । କ୍ରମଶଃ, ଶ୍ରୀମଦ୍‌ଭାଗବତର ବିବାଦୀୟ ପାରାୟଣ ଉତ୍କଳୀୟ ପରମ୍ପରାରେ ବିଘ୍ନ ସୃଷ୍ଟିକଲା । ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ନିମିତ୍ତ ଆସୁଥିବା ଭକ୍ତ, ପଣ୍ଡିତ, ଆଚାର୍ଯ୍ୟମାନଙ୍କ ମଧ୍ୟରେ ଏଥିସକାଶେ ବିବାଦ ସୃଷ୍ଟି ହେଲା । ଯାଜପୁରର ବିରଜାକ୍ଷେତ୍ର ପୁରୁଷୋତ୍ତମକ୍ଷେତ୍ରର ଦ୍ୱାର ସ୍ୱରୂପ ଅଟେ । ଏହି କ୍ଷେତ୍ର ନିବାସୀ ପଣ୍ଡିତ ଉପେନ୍ଦ୍ର ମିଶ୍ର ଏହା ସହ୍ୟ କଲେ ନାହିଁ । ସେ ପ୍ରତିବାଦ କରିବାରୁ ରାଜଦଣ୍ଡରେ ଦଣ୍ଡିତ ହୋଇ ଶ୍ରୀହଟ୍ଟ ପର୍ଯ୍ୟନ୍ତ ଚାଲିଗଲେ ଓ ପରେ ନବଦ୍ୱୀପରେ ତାଙ୍କ ପୁତ୍ର ପଣ୍ଡିତ ଜଗନ୍ନାଥ ମିଶ୍ର ପାଠଶାଳା ପ୍ରତିଷ୍ଠା କରି ଶ୍ରୀମଦ୍‌ଭାଗବତ ଶିକ୍ଷା ଦେଉଥିଲେ । ସେଠାରେ ଶ୍ରୀଚୈତନ୍ୟ ଜନ୍ମ ଗ୍ରହଣ କରିଥିଲେ ।

ବିଶିଷ୍ଟ ବିଦ୍ୱାନ ପଣ୍ଡିତ ଉପେନ୍ଦ୍ର ମିଶ୍ରଙ୍କର ଏପରି ଦଶାରେ ଯଶୋବନ୍ତ ମିଶ୍ର ଓ ଶ୍ରୀମନ୍ଦିରର ପୁରାଣ ପଣ୍ଡା ତଥା ଜଗନ୍ନାଥ ଦାସଙ୍କ ପିତାମହ ନରୋତ୍ତମ (ପଣ୍ଡା) ଦାଶ ଅତ୍ୟନ୍ତ ଦୁଃଖିତ ହୋଇଥିଲେ । ଅନନ୍ୟ ଉପାୟ ହୋଇ ସେମାନେ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶ ନିମନ୍ତେ ପ୍ରାର୍ଥନା କରି ଧାରଣାରେ ରହିଲେ । ସିଦ୍ଧେଶ୍ୱରଙ୍କର ସେତେବେଳେ କିଶୋର ବୟସ । ପିତାଙ୍କର ଅସହାୟତା ଲକ୍ଷ୍ୟ କରି ତାଙ୍କ କୁଳର ଇଷ୍ଟଦେବୀ ମା ସାରଳା ଚଣ୍ଡୀଙ୍କୁ ଆଜ୍ଞା ପ୍ରାର୍ଥନା କଲେ । ଓଡ଼ିଆକୁ ମୁଖ୍ୟ ଭାଷାରୂପେ ଗ୍ରହଣ କରି ପୁରାଣ

ରଚନା ନିମିତ୍ତ ସାରଳାଙ୍କ ସ୍ୱପ୍ନାଦେଶକୁ ଶିରୋଧାର୍ଯ୍ୟ କରି ସିଦ୍ଧେଶ୍ୱର ପିତାଙ୍କଠାରେ ଅତ୍ୟନ୍ତ ବିନମ୍ରତାର ସହ, ଏହି ପ୍ରସଙ୍ଗ ଉପସ୍ଥାପନ କଲେ । ନରୋତ୍ତମ (ପଣ୍ଡା) ଦାଶଙ୍କ ନେତୃତ୍ୱରେ ବିଦ୍ୱାନ ପଣ୍ଡିତ ମଣ୍ଡଳୀ ଓଡ଼ିଆ ଭାଷାରେ ସାମଗ୍ରୀକ ବ୍ୟବହାର ଓ ପୁରାଣ ରଚନାକୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ ଓ ଅନୁମୋଦନ କଲେ । ତେଣୁ ଯଥାର୍ଥରେ ସାରଳା ଦାସ ଲେଖିଛନ୍ତି -

ମହାବ୍ରହ୍ମରୂପୀ କୋଟି କୋଟି କଳ୍ପକର୍ତ୍ତା
ସକଳ ଆତ୍ମାର ଏକ ଲୟ ଏକ ଚିନ୍ତା ।
ସ୍ୱାମୀ ଯାହା କହୁ ମୁହିଁ ତାହା ଯେ ଲେଖଇ
ତେଣୁ ସମସ୍ତଙ୍କର ସେ ଶିରୋଧାର୍ଯ୍ୟ ହୋଇ ।।

[ଚଣ୍ଡୀ ପୁରାଣ]

ସିଦ୍ଧେଶ୍ୱରଙ୍କ ପ୍ରଜ୍ଞା ଓ ପାଣ୍ଡିତ୍ୟରେ ରାଜା କପିଳେନ୍ଦ୍ର ଦେବ ପ୍ରସନ୍ନ ହେବାରୁ ସିଦ୍ଧେଶ୍ୱର ସତର ବର୍ଷ ବୟସରେ ଶ୍ରୀମନ୍ଦୀରରେ ସର୍ବପ୍ରଥମ ଓଡ଼ିଆ ପୁରାଣ ପଣ୍ଡା ସେବାର ଅଧିକାର ପାଇଲେ । ତେଣୁ ସିଦ୍ଧେଶ୍ୱର ମିଶ୍ର ସିଦ୍ଧେଶ୍ୱର ପଣ୍ଡା ହେଲେ ଓ କଳ୍ପବଟମୂଳ ବଟ ମଙ୍ଗଳାଙ୍କ ନିକଟରେ ଆସନ ପାତି ଓଡ଼ିଆ ବିଲଙ୍କାରାମାୟଣ, ଚଣ୍ଡୀପୁରାଣ ଓ ମହାଭାରତ ରଚନା କଲେ । ଏହାପରେ ସେ ଶୂଦ୍ରମୁନି ସାରଳା ଦାସ ନାମରେ ପ୍ରସିଦ୍ଧ ହେଲେ । ସଂସ୍କୃତ ଭାଷାରୁ ଓଡ଼ିଆ ଭାଷାକୁ ଅନୁବାଦ କଲାବେଳେ ମହାଭାରତର ଅନେକ ପ୍ରସଙ୍ଗର ଉପେକ୍ଷା ଓ ପରିବର୍ତ୍ତନ ହୋଇଗଲା । ସେଥିରେ ସେ ନିଜକୁ ଧୀକାର କରି ମୁର୍ଖ ଅଜ୍ଞାନତା ବଶତଃ ହୋଇଥିବାର ଲେଖିଛନ୍ତି -

ସେ ଦେବୀର ପ୍ରସନ୍ନେ କହିଲି ଆଦିଗ୍ରନ୍ଥ
ଆଦ୍ୟେ ରାମାୟଣ ଦ୍ୱିତୀୟେ ମହାଭାରତ ।
ତୃତୀୟେ ପୁଣି ମୁଁ ଲେଖିଲି ଭାଗବତ
ମୁର୍ଖ ଅଜ୍ଞାନ ମୁହିଁ ଅଟଇ ପଣ୍ଡିତ ॥

[ଚଣ୍ଡୀ ପୁରାଣ]

ଓଡ଼ିଆ ନବାକ୍ଷରୀ ଭାଗବତବୃତ୍ତର ମଧ୍ୟ ସୂତ୍ରଧର ସାରଳାଦାସ ଅଟନ୍ତି । ସାରଳାଦାସଙ୍କ ଦାଣ୍ଡୀ ବୃତ୍ତେ ଅନୁସରଣରେ ବଳରାମଦାସ ରାମାୟଣ ଓ ଭାଗବତ ବୃତ୍ତେ ଅନୁସରଣରେ ଜଗନ୍ନାଥଦାସ ଭାଗବତ ରଚନା କରିଥିଲେ । ଆଦିକବି ସାରଳା ଦାସ ନିଜ ଭାଷାରେ ଲେଖିଛନ୍ତି,

ପ୍ରଥମେ ରାମାୟଣ ଦ୍ୱିତୀୟେ ମହାଭାରତ ।
ତୃତୀୟେ ଲେଖନ ମୁଁ କରଇ ଭାଗବତ ॥

[ଚଣ୍ଡୀ ପୁରାଣ]

ଚତୁର୍ଦ୍ଦଶାକ୍ଷରୀ ଦାଣ୍ଡୀବୃତ୍ତେ ମହାଭାରତ ଲେଖିବାପରେ, ନବାକ୍ଷରୀ ଭାଗବତ ବୃତ୍ତେ ଶ୍ରୀମଦ୍‌ଭାଗବତ ଆରମ୍ଭ କରିଥିଲେ, ମାତ୍ର ସମ୍ପୂର୍ଣ୍ଣ ସାକାର କରିପାରିନଥିଲେ ।

ଇଂ.୧୮୭୨ ମସିହାରେ ଉଇଲିୟମ୍ ହଣ୍ଟର ସାହେବ ଇଂରାଜୀ ଭାଷାରେ ସ୍ୱରଚିତ ଓଡ଼ିଶା ଇତିହାସରେ ଓଡ଼ିଆ କବି ସାରଳାଦାସଙ୍କ ବିଷୟ ଉଲ୍ଲେଖ କରିଥିଲେ ।ସେଥିରେ ସେ ସାରଳାଦାସଙ୍କର ପୂର୍ବାଶ୍ରମର ନାମ ଝସୟଷରଗ୍ଧଙ୍ଗବକ୍ସ ଚବଭୟବ ବୋଲି ଉଲ୍ଲେଖ କରିଥିଲେ ମଧ୍ୟ ତାଙ୍କୁ ଶୂଦ୍ର - ନୀଚଜାତିର ଲୋକ ଭାବରେ ବର୍ଣ୍ଣନା କରିଥିଲେ । ସେ ଶ୍ରୀ ମନ୍ଦିର ସେବାୟତ ସେବକ ମାନଙ୍କର ଏକ ପୂର୍ଣ୍ଣାଙ୍ଗ ତାଲିକା ମଧ୍ୟ ପ୍ରକାଶ କରିଥିଲେ । ଇଂ.୧୯୩୦ ମସିହାରେ ବିହାର - ଓଡ଼ିଶାର ଡିରେକ୍ଟର ଫକସ୍ ସାହେବଙ୍କ ସାଧୁ ଉଦ୍ୟମରେ ଡଃ. ଆର୍ତ୍ତବଲ୍ଲଭ ମହାନ୍ତି ଶ୍ରୀ ମନ୍ଦିରର ମାଦଳାପାଞ୍ଜୀ ପ୍ରକାଶ କରିଥିଲେ । ମାତ୍ର ହଣ୍ଟର ସାହେବଙ୍କ ମନ୍ତବ୍ୟକୁ ସମ୍ମାନ ଦେଇ ଆଦିକବିଙ୍କୁ ନୀଚଜାତିର ଗ୍ରହଣକରି ପଣ୍ଡାକୁ ପରିଡ଼ା (ଚବଭୟବ କୁ ଚବକ୍ସସୟବ) ରୂପେ ସର୍ବତ୍ର ପ୍ରଚାର କରିଥିଲେ ।ଏଥି ସକାଶେ ଡଃ ହରେକୃଷ୍ଣ ମହତାବଙ୍କ ଝଙ୍କାର ପତ୍ରିକା ୨୯ ବର୍ଷ ବିଷୁବ ସଂଖ୍ୟା ଓ କୋଣାର୍କ ପତ୍ରିକାର ତୃତୀୟ ବର୍ଷ ପ୍ରଥମ ସଂଖ୍ୟାରେ ଥସାରଳାଦାସ ବ୍ରାହ୍ମଣ ଥିଲେ ! କି ?] ଅନେକ ଆଲୋଚନା ପରେ ମଧ୍ୟ ଏହି ପ୍ରସଙ୍ଗ ସେମିତି ରହିଗଲା । ମାତ୍ର ତେଲୁଗୁ ମହାଭାରତକାର ତୋଙ୍କାଡ଼ ଗୋପୀନାଥଙ୍କ ଭାଷାରେ - 'ସିଦ୍ଧେଶ୍ୱର ଦାସନୁ ବିପ୍ରଯୋଗି ପୁଙ୍ଗଭଣ୍ଡୁ ।' ବଙ୍ଗଳା ମହାଭାରତକାର କାଶୀରାମଙ୍କ ଭାଷାରେ -

'ଶାରଳା ଭାଷିୟା ସାରଳା କବି ଭଣେ । ରଚିଲା ଭାରତ ଗାଥା ଉତ୍କଳ ବ୍ରାହ୍ମଣେ ॥'

ମୁନି ପଦର ମହିମା ଓ ତାତ୍ପର୍ଯ୍ୟ ମୂଳ ମହାଭାରତ ଓ ଭାଗବତରୁ ଜଣାପଡ଼େ । ମୂଳ ମହାଭାରତର ୧।୧।୮ ଅର୍ଥାତ୍, ଆଦିପର୍ବ-ପ୍ରଥମ ଅଧ୍ୟାୟ-ଅଷ୍ଟମ ଶ୍ଳୋକ ଓ ୧।୧।୫୮ ଅଷ୍ଟପଞ୍ଚାଶତ୍ତମ ଶ୍ଳୋକରେ ଲୋମହର୍ଷଣ ପୁତ୍ର ଉଗ୍ରଶ୍ରବା ଓ ଶୌନକାଦି ଋଷିମାନଙ୍କୁ ମୁନି କୁହାଯାଇଛି । ମୂଳ ଶ୍ରୀମଭାଗବତର ୧।୧।୫ ଅର୍ଥାତ୍, ପ୍ରଥମ ସ୍କନ୍ଧ - ପ୍ରଥମ ଅଧ୍ୟାୟ - ପଞ୍ଚମ ଶ୍ଳୋକ ଓ ୧।୪।୧ ଅର୍ଥାତ୍ ପ୍ରଥମ ସ୍କନ୍ଧ - ଚତୁର୍ଥ ଅଧ୍ୟାୟ - ପ୍ରଥମ ଶ୍ଳୋକରେ ସୂତ ଶୌନ କାଦି ଋଷି ମାନଙ୍କୁ ମୁନି କୁହାଯାଇଛି । ଓଡ଼ିଆ ଭାଗବତରେ ଅତିବଡ଼ ଜଗନ୍ନାଥଦାସ ଙ୍କ ଭାଷାରେ –

କଳିର ଆଗମନ ଦେଖି । ମୁନିଏ ସ୍ଥାନ ଉପଲକ୍ଷି ॥ ୪୨ ॥
ଶୌନକ ଆଦି ମୁନିଗଣେ । ମିଳିଲେ ନୈମିଷ ଅରଣ୍ୟେ ॥ ୪୩ ॥
କଳି କଳୁଷ ଭୟ କରି । ମୁନିଏ ଏକାନ୍ତେ ବିଚାରି ॥ ୪୪ ॥

ସୂତ ମୁନିଙ୍କି ପୂଜା କରି । ବସିଲେ ସକଳେ ଆବୋରି ॥ ୪୮ ॥
ସକଳ ମୁନି ଶୁଦ୍ଧ ମନେ । ପୁଚ୍ଛିଲେ ଅମୃତ ବଚନେ ॥ ୪୯ ॥
[ଶ୍ରୀମଦ୍‌ଭାଗବତ-ପ୍ରଥମସ୍କନ୍ଧ-ପ୍ରଥମ ଅଧ୍ୟାୟ]

ମହାଭାରତ ଓ ଭାଗବତ ପୁରାଣରେ ସର୍ବତ୍ର ବର୍ଣ୍ଣିତ ମୁନିପଦର ବିଶେଷ ମହିମା ରହିଛି । ପୁନଶ୍ଚ, ମୂଳ ଶ୍ରୀମଦ୍‌ଭାଗବତ ୧।୪।୨୯ ପ୍ରଥମ ସ୍କନ୍ଧ - ଚତୁର୍ଥ ଅଧ୍ୟାୟ - ଏକୋନତ୍ରିଂଶ ଶ୍ଳୋକରେ କୁହାଯାଇଛି-

ଭାରତ ବ୍ୟପଦେଶେନ ହ୍ୟାମ୍ନାୟାର୍ଥଶ୍ଚ ଦର୍ଶିତଃ ।
ଦୃଶ୍ୟାତେ ଯତ୍ର ଧର୍ମାଦି ସ୍ତ୍ରୀ ଶୂଦ୍ରାଦିଭିରପ୍ୟୁତ ॥

ମହାଭାରତ ରଚନା ମାଧ୍ୟମରେ ବେଦର ଅର୍ଥ ଏପରି ପ୍ରାଞ୍ଜଳ ଭାବରେ ବର୍ଣ୍ଣିତ ଯେ, ସ୍ତ୍ରୀ, ଶୂଦ୍ର ପ୍ରଭୃତି ମଧ୍ୟ ନିଜ ନିଜର ଧର୍ମ କର୍ମର ଜ୍ଞାନ ଲାଭ କରିପାରିବେ ।

ଏହି କ୍ରମରେ ଓଡ଼ିଆ ମହାଭାରତ ରଚୟିତା ସାରଳାଦାସ ଶୂଦ୍ରମୁନୀ ବୋଲାଇଥିବାରୁ ତାଙ୍କର ବଂଶ ପରିଚୟ, ବିଦ୍ୟାଧ୍ୟୟନ ଓ ପାଣ୍ଡିତ୍ୟକୁ ନିଃସନ୍ଦେହରେ ଜଣେ ବିଦ୍ୱାନ, ପଣ୍ଡିତ ଓ ସର୍ବଜ୍ଞ ତ୍ରିକାଳଦର୍ଶୀ ବ୍ରାହ୍ମଣ ବୋଲି ଗ୍ରହଣ କରିବାକୁ ହେବ । ମାତ୍ର କବି ସଦା ସର୍ବଦା ସାରଳାଙ୍କୁ ଦୟିନୀ ଜଣାଇ ଲେଖନୀ ଚାଳନା କରିଛନ୍ତି -

ତୁହିଯାହା କହିଦେଉ ମୁଁ ତାହା ଲେଖଇ ।
ସର୍ବଦା ସାରଳାଦାସ ମୁରୁଖ ଅଟଇ ॥
[ସାରଳା ମହାଭାରତ-ଆଦିପର୍ବ]

ପୂର୍ବରୁ ଓଡ଼ିଆ ଭାଷାପ୍ରତି ବିଦ୍ୱାନ୍ ପଣ୍ଡିତ ମାନଙ୍କର ବିଶେଷ ଦୃଷ୍ଟି ନଥିଲା । ମା' ସାରଳାଙ୍କ କୃପାବଳେ ଏହା ହୋଇଥିବାର କବି ବର୍ଣ୍ଣନା କରି ଲେଖିଛନ୍ତି -

ଅଦୃଷ୍ଟିକି ଦୃଷ୍ଟି ମୁହିଁ କରାଇଲି ଆଣି ।
କୃପାକରିବାରୁ ମା' ସାରଳା ଠାକୁରାଣୀ ॥
ଏ ପଦ ରଚନେ ମୁଁ ନ କରେ ପ୍ରତିଜ୍ଞା ।
ଲେଖେ ସାରଳା ଦ୍ୟନ୍ତି ମୋତେ ଯାହା ଆଜ୍ଞା ॥
[ସାରଳା ମହାଭାରତ-ଦ୍ରୋଣପର୍ବ]

ସାରଳାଦାସ ଅନେକ ସ୍ଥଳେ ମୂଳ ସଂସ୍କୃତକୁ ଏଡ଼ାଇ ଯାଇ ଥିବାରୁ ଲେଖିଛନ୍ତି -

ଜନ୍ମହୁଁ ମୁରୁଖ ମୁଁ ପଢ଼ିନାହିଁ ବିଦ୍ୟା ।
ନ ଜାଣଇ ଜପ ମନ୍ତ୍ର ନୁହଁଇ ପ୍ରସିଦ୍ଧା ॥
ସେ ମାତା ପ୍ରସାଦେ ଯାହା ମନେ ମୋର ସ୍ଫୁରେ ।
ଲେଖଇ ଯେ, ବସି ନୀଳ କଳ୍ପବଟେ ମୂଳେ ॥

[ସାରଳା ମହାଭାରତ-ଦ୍ରୋଣପର୍ବ]

ଜଗନ୍ନାଥ ପୁରୀ ଶ୍ରୀମନ୍ଦିରରେ ରାଧାକୃଷ୍ଣ ଉପାସନାର ପ୍ରବର୍ତ୍ତନ କରି ସାରଳାଦାସ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇ ଥିଲେ । ସେହି ସମୟରୁ ଗୋପୀନାଥଙ୍କ ସହିତ ଶ୍ରୀ ରାଧାଙ୍କ ବିଗ୍ରହ ସ୍ଥାନୀତ ହୋଇ ପୂଜାପାଇ ଆସୁଛନ୍ତି । ଏଥିପାଇଁ ମହାଭାବରେ ଶ୍ରୀ ଚୈତନ୍ୟ ସାରଳାଙ୍କୁ ଶ୍ରୀରାଧା ବୋଲି କହିଛନ୍ତି ।

ସାରଳାଚଣ୍ଡୀ ଏହୁ ନୋହେ । ସାକ୍ଷାତ ରାଧାର ବିଗ୍ରହେ ॥
ମହାଭାବର ଅଟେ ସୀମା । ସାକ୍ଷାତ ରାଧାର ପ୍ରତିମା ॥

[ବୈଷ୍ଣବ ଲୀଳାମୃତ]

ସାରଳାଦାସ ନୂଆ ଓଡ଼ିଆ ପୁରାଣପଣ୍ଡା ଓ ପରେ ଶ୍ରୀମନ୍ଦିରର ମୂଖ୍ୟ ସେବକ ପଦ ପ୍ରାପ୍ତିରେ ନିଜକୁ ଧନ୍ୟମଣି ମନୁଷ୍ୟମାନଙ୍କ ମଧ୍ୟରେ ସବୁଠୁଁ ବୟୋବୃଦ୍ଧ ବର୍ଣ୍ଣନାକରି ଲେଖିଛନ୍ତି -

ଇତି ଶ୍ରୀମହାଭାରତ ପବିତ୍ର ପୁରାଣ ।
ସଂସାର ଜନଙ୍କ ହିତେ କଲି ମୁଁ ବଖାଣ ॥
ସଦା ଭକତି ମୋହର ଭାରତ ମଣ୍ଡଳେ ।
ନବରୂପେ ଜନ୍ମି ବୃଦ୍ଧ ହେଲି ନର ମେଳେ ॥

[ସାରଳା ମହାଭାରତ-ସଭାପର୍ବ]

ଆଦିକବି ସାରଳାଦାସ ବାର୍ଦ୍ଧକ୍ୟ ଅବସ୍ଥାରେ ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗନ୍ନାଥଦାସଙ୍କୁ ୧୨ ବର୍ଷ ବୟସ ଅବସ୍ଥାରେ ଶ୍ରୀମନ୍ଦିରର କଳ୍ପବଟମୂଳେ ବଟଗଣେଶଙ୍କ ସମ୍ମୁଖ ରାସମଣ୍ଡପରେ ରାଧାକୃଷ୍ଣ ମୂର୍ତ୍ତି ସ୍ଥାପନକରି ଓଡ଼ିଆ ଭାଗବତ ରଚନାର ସମସ୍ତ ବ୍ୟବସ୍ଥା କରାଇଥିଲେ । ସେତେବେଳେ ଜଗନ୍ନାଥଦାସଙ୍କୁ ଧ୍ରୁବ ଚରିତ୍ରର କ୍ଲିଷ୍ଟସାଧନାର ଉପଦେଶକରି ଭାଗବତ ରଚନାରେ ନିୟୋଜିତ କରିଥିବାରୁ

ଜଗନ୍ନାଥଦାସ ବଟଗଣେଶଙ୍କୁ ଅମ୍ବିକାସୂତ ରୂପେ ବନ୍ଦନାକରି ଓଡ଼ିଆ ମହାଭାରତର ଦାଣ୍ଡିବୃତ୍ତେ ଧ୍ରୁବ ଚରିତ ରଚନା କରିଥିଲେ । ନବାକ୍ଷରୀ ଭାଗବତରେ ତେଣୁ ଏହା ଏକ ଦିବ୍ୟ ବ୍ୟତିକ୍ରମ ଅଟେ । ଅତିବଡ଼ ଜଗନ୍ନାଥଦାସଙ୍କ ଶ୍ରୀମଦ୍‌ଭାଗବତ – ଚତୁର୍ଥ ସ୍କନ୍ଧ (ଅଷ୍ଟମରୁ ଦଶମ ଅଧ୍ୟାୟ) ଦ୍ରଷ୍ଟବ୍ୟ ।

ଏହି ସମୟରେ ବଲ୍ଲଭାଚାର୍ଯ୍ୟ ଜଗନ୍ନାଥ ପୁରୀରେ ପହଞ୍ଚିଲେ । ସେ ଶ୍ରୀଧର ସ୍ୱାମୀଙ୍କ ଭାବାର୍ଥ ଦୀପିକା ଓ ଶ୍ରୀମଦ୍‌ଭାଗବତ ବ୍ୟାଖ୍ୟାରେ ଅସନ୍ତୋଷ ଓ ସନ୍ଦେହ ପ୍ରକାଶ କଲାରୁ, ଶ୍ରୀଚୈତନ୍ୟ ତାଙ୍କୁ ବୁଝାଇ କହିଥିଲେ –

ଶ୍ରୀଧର ସ୍ୱାମୀ ପ୍ରସାଦେ ଭାଗବତ ଜାନୀ ।
ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀ ଗୁରୁ କରି ମାନି ॥

[ଚୈତନ୍ୟ ଚରିତାମୃତ]

ସେତେବେଳେ ଜଗନ୍ନାଥଦାସ ଆଚାର୍ଯ୍ୟ ବଲ୍ଲଭଙ୍କୁ ଅଚିନ୍ତ୍ୟଭେଦାଭେଦ ତତ୍ତ୍ୱ ବୁଝାଇବାରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନରେ ଆତ୍ମ ବିଭୋର ହୋଇ 'ମଧୁରାଷ୍ଟକ' ରଚନା କରିଥିଲେ ।

ପ୍ରକୃତରେ, ଅଚିନ୍ତ୍ୟଭେଦାଭେଦ ତତ୍ତ୍ୱର ସୂତ୍ରଧର ସାରଳାଦାସ ଅଟନ୍ତି । କବି ଲେଖିଛନ୍ତି –

କୈଳାସ ଦ୍ୱାରପାଳ ନାମ ମୋର ନନ୍ଦୀ ।
ଶାସ୍ତ୍ରର ଆଗମେ ହର ଗଉରୀଙ୍କୁ ବନ୍ଦି ॥
ଯେଉଁପରି ରତିରସ ସେ ମୋତେ ବୋଇଲେ ।
ମାତା ପିତାଙ୍କ ସଙ୍ଗ ବୋଲିଣ କହିଲେ ॥
ତାହାଶୁଣି ବିଘ୍ନରାଜ ଦେଲେ ମୋତେ ଶାପ ।
ତହୁଁ ଦୋଷୀ ହୋଇଲି ମୁଁ ମନୁଷ୍ୟ ସ୍ୱରୂପ ॥
ପ୍ରଥମ ଜନ୍ମରେ ମୁହିଁ ହେଲି କାଳିଦାସ ।
ଦ୍ୱିତୀୟ ଜନ୍ମରେ ମୁହିଁ ମହାକାଳ ଧ୍ୱଂସ ॥
ତୃତୀୟ ଜନ୍ମରେ ମୁଁ ସାରଳାଦାସ କବି ।
ଆଉ ଜନ୍ମେ ମୁହିଁ ମର୍ତ୍ତ୍ୟ ମଣ୍ଡଳେ ଜନ୍ମିବି ॥
ପ୍ରତି ଜନ୍ମେ ପନ୍ଦର ଲକ୍ଷ କଥା ମୁଁ ଭାବିବି ।
ଚାରି ଜନ୍ମେ ଷାଠିଏ ଲକ୍ଷ କଥା ମୁଁ କହିବି ॥

[ଚଣ୍ଡୀ ପୁରାଣ]

ପ୍ରକୃତରେ ଏହା କବିଙ୍କର ଏକ ସାଙ୍କେତିକ ରଚନା । ପ୍ରତି ଜନ୍ମରେ ପନ୍ଦର ଲକ୍ଷ କଥା ଭାବିବି, ଅର୍ଥାତ୍ – 'ପଞ୍ଚବକ୍ତ୍ରଂ ତ୍ରିନେତ୍ରଂ' ଦେବ ଦେବ ମହାଦେବ ଭଗବାନ ଶଙ୍କରଙ୍କୁ ସଦା ସର୍ବଦା ଧ୍ୟାନ କରୁଥିବି । ଚାରିଜନ୍ମେ ଷାଠିଏ ଲକ୍ଷ କଥା ମୁଁ କହିବି, ଅର୍ଥାତ୍, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀଜଗନ୍ନାତଙ୍କର ଛଅଟି ଚକାଚକା ଆଖିକୁ ସାଙ୍କେତିକ ଭାଷାରେ 'ଛଅଟି ଶୂନର ଦର୍ଶନ' ବର୍ଣ୍ଣନା କରି ଶ୍ରୀଜଗନ୍ନାଥଙ୍କୁ ଧ୍ୟାନକରି ମୁଁ ନୂତନ ଅଚିନ୍ତ୍ୟଭେଦାଭେଦ ତତ୍ତ୍ୱର ବ୍ୟାଖ୍ୟା କରିବି ।

ଅଚିନ୍ତ୍ୟଭେଦାଭେଦ ତତ୍ତ୍ୱ ଏପରି ଏକ ବୈଦିକ ଦର୍ଶନ ଯେ, ଏହା ସମ୍ପୂର୍ଣ୍ଣ ରୂପେ ପୁରୁଷୋତ୍ତମ କ୍ଷେତ୍ର ଓ ତତ୍ତ୍ୱକୁ ଅନୁସରଣ କରିଥାଏ ଏବଂ ମାନବୀୟ ଧାରାରେ ଦିବ୍ୟ ଭ୍ରାତୃଭାବର ସନ୍ଧାନ ଦେଇଥାଏ ।ମାତ୍ର ସାଧାରଣ ଲୌକିକ ଜ୍ଞାନରେ ଅଚିନ୍ତ୍ୟ – ନାସ୍ତିକତାର ଅଭ୍ୟୁଦୟ ଆଶଙ୍କା କରି ଦିବ୍ୟଦ୍ରଷ୍ଟା ଶୂଦ୍ରମୁନୀ ସାରଳାଦାସ ଏହାକୁ ସଞ୍ଜମ ମୌଖିକ ବ୍ୟାଖ୍ୟାରେ ସୀମିତ ରଖିଥିଲେ ଓ କବି 'ଷାଠିଏ ଲକ୍ଷ କଥା କହିବି' ବୋଲି ସ୍ପଷ୍ଟ ଉଲ୍ଲେଖ କରିଥିଲେ । ଜଗନ୍ନାଥଦାସ ମଧ୍ୟ ଏହି କାରଣରୁ ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱକୁ କେବଳ ମନ୍ତ୍ର ସ୍ୱରୁପରେ ଉପଦେଶ କରୁଥିଲେ, ମାତ୍ର କଦାପି ଲେଖନୀ ଚାଳନା କରିନଥିଲେ । ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱ ବ୍ୟାଖ୍ୟାକରି ଅନ୍ତିମ ଉପଦେଶରେ ସେ ଏହାର ଗୋପନୀୟତାର ରହସ୍ୟ ବୁଝାଉଥିଲେ । ବଲ୍ଲଭାଚାର୍ଯ୍ୟ, ରୂପ ଗୋସ୍ୱାମୀ ଓ ସନାତନ ଗୋସ୍ୱାମୀ ଆଦିଙ୍କୁ ସେ ଏହି ତତ୍ତ୍ୱର ଶ୍ରୀମୁଖ ବ୍ୟାଖ୍ୟା ପ୍ରସଙ୍ଗ ବୈଷ୍ଣବଲୀଳାମୃତରେ ଉଲ୍ଲେଖ ଅଛି, ମାତ୍ର ଏଠାରେ ପ୍ରକାଶ ଯୋଗ୍ୟ ଯେ, ପଞ୍ଚସଖା ଯୁଗରେ ଶ୍ରୀଚୈତନ୍ୟଙ୍କ ତିରୋଧାନ ପ୍ରସଙ୍ଗ ଏବଂ ଅଚିନ୍ତ୍ୟଭେଦାଭେଦ ମତ ଓ ତତ୍ତ୍ୱର ରହସ୍ୟ ସର୍ବସାଧାରଣରେ ଗୋପନୀୟ ହୋଇ ରହିଗଲା । ବାସ୍ତବରେ ଶୁଦ୍ରମୁନୀ ସାରଳାଦାସ ଓ ଅତିବଡ଼ ଜଗନ୍ନାଥଦାସଙ୍କ ରାଧାକୃଷ୍ଣ ଉପାସନା ପ୍ରତ୍ୟେକ ମନୁଷ୍ୟ ଓ ମାନବଜାତିକୁ ସହଜରେ ଭଗବତ୍ ଦର୍ଶନର ପଥ ପ୍ରଦର୍ଶନ କରାଇବାରେ ସମର୍ଥ । ଏହି କାରଣରୁ ଶ୍ରୀରାଧାଙ୍କ ଓଡ଼ିଆଣୀ ବେଶର ବିଶେଷ ମହତ୍ତ୍ୱ ରହିଛି । ଓଡ଼ିଆ ଭାଷା ଓ ସାହିତ୍ୟର ସାମଗ୍ରିକ ଗୁଣବତ୍ତା ବହନକରି ଓଡ଼ିଆ ସଂସ୍କୃତିର ଆଧାର ଶ୍ରୀମଦ୍‌ଭାଗବତଙ୍କ ପୂଜନ ପରମ୍ପରା ପ୍ରତ୍ୟେକ ଓଡ଼ିଆ ପରିବାରରେ ସେହିକାଳରୁ ଏପର୍ଯ୍ୟନ୍ତ ଚଳି ଆସୁଅଛି ।

ସ୍ୱାମୀର ଭାଗବତ ପୋଥି ।
ଦେବତା ଭିଆଣେ ପୂଜନ୍ତି ॥

[ବୈଷ୍ଣବ ଲୀଳାମୃତ]

ଇଂ.୧୮୬୬ ମସିହାରେ କର୍ମବୀର ଗୌରୀଶଙ୍କର ରାୟ କର୍ତ୍ତୃକ କଟକ ପ୍ରିଣ୍ଟିଂ କମ୍ପାନୀ ଦ୍ୱାରା ସର୍ବପ୍ରଥମେ ଶ୍ରୀମଦ୍‌ଭାଗବତ ପୁସ୍ତକ ମୁଦ୍ରିତ ହୋଇଥିଲା । ସମ୍ପ୍ରତି ରକ୍ଷରମଷ୍ୱକ୍ଟଭସମ ଗରୟସବ ରେ ଙଙଙ.କ୍ଟୟସବ.କ୍ଟକ୍ଷଶ ଦ୍ୱାରା ପ୍ରସାରିତ ଶ୍ରୀମଦ୍‌ଭାଗବତ ହାତ ପାହାନ୍ତାରେ ସମସ୍ତଙ୍କୁ ସହଜରେ ଉପଲବ୍ଧ ।

ଅତିବଡ଼ ଜଗନ୍ନାଥଦାସଙ୍କ ରଚିତ ଶ୍ରୀମଦ୍‌ଭାଗବତ ପାଠରେ ଏ ଧରା ପବିତ୍ର ହେଉ, ମାନବୀୟ ଚେତନାରେ ଦିବ୍ୟ ଭ୍ରାତୃତ୍ୱର ସଞ୍ଚାର ହେଉ, ସମଗ୍ର ବିଶ୍ୱ ତ୍ରିତାପର ଭୟରୁ ମୁକ୍ତ ହେଉ, ଏହାହିଁ ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଠାରେ ମାର୍ଜନା ମାଗୁଣୀ ।

ନମସ୍ତେ ଦେବ ଦେବେଶ ପରମାନନ୍ଦବର୍ଦ୍ଧନ ॥
ଜଗନ୍ନାଥ ନମସ୍ତେଽସ୍ତୁ ତ୍ରାହି ମାଂ ଶରଣାଗତମ୍ ।
ବ୍ରହ୍ମାଦିଭିଃ ସୁରୈର୍ଯୋଽୟମ୍ ଦୃଶ୍ୟୋ ଜଗତାଂ ପତିଃ ॥
ତଂ ସାକ୍ଷାତ୍ ପରମାନନ୍ଦଂ ପଶ୍ୟାମି ବରଭାଗ୍ୟତଃ ।
କୃତାର୍ଥୋଽହଂ କୃତାର୍ଥୋଽହଂ କୃତାର୍ଥୋଽହଂ ନ ସଂଶୟଃ ॥

ହରି ଓଁ ତତ୍‌ସତ୍

odia.org